ପ୍ରମେୟ
THE PRAMEYA
BHUBANESWAR 19 Nov, 2026

ବିଆଇଆଇଟିଏମର ୫ମ ବାର୍ଷିକ ପୁସ୍ତକ ପ୍ରଦର୍ଶନୀ



ଭୁବନେଶ୍ୱର,୧୮।୧୧(ବ୍ୟୁରୋ): ପୁସ୍ତକ ହେଉଛି ଜ୍ଞାନର ଭଣ୍ଡାର। ଛାତ୍ରଛାତ୍ରୀ ଯେତେ ପଢିବେ ସେତେ ଜ୍ଞାନ ଆହରଣ କରିପାରିବେ। ଶ୍ରେଣୀ ଭିତ୍ତିକ ଶିକ୍ଷାରେ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆଧାରିତ ପୁସ୍ତକ ଅଧ୍ୟୟନ କରାଯାଇଥାଏ। ତେଣୁ ଜ୍ଞାନ ଆହରଣର ପରିସୀମା ସୀମାବଦ୍ଧ ଥାଏ। ଏହା ସହିତ ଆମେ ଯେତେ ମାତ୍ରାରେ ବାହ୍ୟ ପୁସ୍ତକ ପଢିବା ଜ୍ଞାନର ପରିସୀମା ସେତେ ବଢ଼ିବ। ପୁସ୍ତକକୁ ଭଲ ସାଥୀ କରିପାରିଲେ ଜ୍ଞାନର ବିକାଶ ଘଟିବ ବୋଲି ଆଜି ପଟିଆ ସ୍ଥିତ ବିଆଇଆଇଟିଏମ୍ କ୍ୟାମ୍ପସ ପରିସରରେ ଅନୁଷ୍ଠିତ ୫ମ ବାର୍ଷିକ ପୁସ୍ତକ ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଅଧ୍ୟକ୍ଷ ଡ. ମିହିର ରଞ୍ଜନ ନାୟକ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଗ୍ରନ୍ଥାଗାରିକ ବୀରକିଶୋର ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୁସ୍ତକ ପ୍ରଦର୍ଶନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଗ୍ରୁପ୍ ନିର୍ଦ୍ଦେଶିକା ଡ. ନନ୍ଦିତା ମିଶ୍ର ଯୋଗଦେଇ କହିଥିଲେ ପୁସ୍ତକର କିଛି ବିକଳ୍ପ ନାହିଁ। ବର୍ତ୍ତମାନର ଦ୍ରୁତ ପ୍ରଗତି ଡିଜିଟାଲ ଯୁଗରେ ବିଦ୍ୟାର୍ଥୀମାନେ ଡିଜିଟାଲ ଅଧ୍ୟୟନରେ ଲିପ୍ତ ରହୁଛନ୍ତି। ଏହି କ୍ଷଣସ୍ଥାୟୀ ପ୍ରକ୍ରିୟାରେ କିଛି ଛାତ୍ରଛାତ୍ରୀ ସଫଳ ହେଉଥିଲେ ମଧ୍ୟ ପରେ ପାଠ ଭୁଲି ଯିବାର ଦେଖାଯାଉଛି। ତେଣୁ ଡିଜିଟାଲ ପୁସ୍ତକ ଅପେକ୍ଷା ମୁଦ୍ରିତ ପୁସ୍ତକକୁ ଆପଣାର କରିବା ସହିତ ଅଧ୍ୟୟନ ଜାରି ରଖିଲେ ସଫଳତା ନିଶ୍ଚୟ ମିଳିବ। ନିଯୁକ୍ତି ବିଭାଗର ମୁଖ୍ୟ କେ. ଚନ୍ଦ୍ରଶେଖର ଓ ଅଭିଷେକ ଶର୍ମା, ସିମ୍ପନ୍ ମୁଖାର୍ଜୀ, ଜିତେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁସ୍ତକ ପ୍ରଦର୍ଶନୀରେ ହଜାର ହଜାର ସଂଖ୍ୟାରେ ପୁସ୍ତକ ପ୍ରଦର୍ଶିତ ହୋଇଛି। ଅଧ୍ୟାପକ, ଅଧ୍ୟାପିକା ଓ ବହୁ ଛାତ୍ରଛାତ୍ରୀ ପୁସ୍ତକ ଅଧ୍ୟୟନ କରିଥିଲେ।